# Akashvani, Sambalpur

# SAMBALPURI NEWS BULLETIN

## 7 January 2025- 6.47- 6.52 am.

**********************************************

ରାଜ୍ୟ ସଂଗ୍ରହାଳୟ-ଗେଲେରୀ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ସଂଗ୍ରହାଳୟର୍ ୯ ଟା ନୂଆଁ ଗେଲେରୀ ଆର୍ ତାଳପତ୍ର ଚିତ୍ରଥି ପୂର୍ଣ୍ଣାଙ୍ଗ ରାମାୟଣ୍ ପ୍ରଦର୍ଶନୀକେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଇଥି ବିକ୍ରମ୍ ବେତାଲ୍ କଥାନୀର୍ ଚରିତ୍ର ଜରିଏ ଓଡ଼ିଶାର୍ ଅସ୍ମିତା ଆର୍ ଇତିହାସ୍‌କେ ଦର୍ଶକ୍‌ମାନ୍‌କୁ ସୂଚ୍‌ନା ଦିଆଯିବା । ଫିʼ ଗେଲେରୀ ନ ଡିଜିଟାଲ୍ ପ୍ରଦର୍ଶନୀର୍ ବ୍ୟବସ୍ଥା ସହେତେ ତାଳପତ୍ର ଚିତ୍ରଥି ପୂର୍ଣ୍ଣାଙ୍ଗ ରାମାୟଣର୍ ପ୍ରଦର୍ଶନୀର୍ ବ୍ୟବସ୍ଥା ହେଇଥିବାର୍ ବେଲେ ପହେଲାଥର୍ ଲାଗି ଭୂଇଁତଲେ କଳା ସାମଗ୍ରୀ ପ୍ରଦର୍ଶନ୍ କରାଯିବା ।

କାର୍ଯ୍ୟକ୍ରମ୍‌ଥି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଉପସ୍ଥିତ୍ ରହେବେ ।

ଡବଲ୍ ଡେକର୍ ବସ୍       ଆର୍‌ଏନ୍‌ୟୁ/ ସମ୍ବଲପୁର୍

ପ୍ରବାସୀ ଭାରତୀୟ ଦିବସ୍‌ଥି ଲାଗ୍‌ବାର୍‌କେ ଥିବା ଡବଲ୍ ଡେକର୍ ବସ୍‌କେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭାରମ୍ଭ୍ କର୍‌ବେ । ଭୁବ୍‌ନେଶ୍ୱର୍ ଗାଡ଼କଣ ନ ଥିବା ମୋ ବସ୍ ଡିପୋ ଠାନେ ଉପର୍‌ବେଲା ମୁଖ୍ୟମନ୍ତ୍ରୀ ଇ ଡବଲ୍‌ଡେକର୍ ବସ୍, ହପ୍ ଅନ୍-ହପ୍ ଅଫ, ଆର୍ ଶ୍ରୀଜଗନ୍ନାଥ୍ ମନ୍ଦିର୍ ପ୍ରଶାସନ୍‌ର ଇ ବସ୍‌ସେବାକେ ଭିଲ୍ ଶୁଭାରମ୍ଭ କର୍‌ବେ ।

ଓଡ଼ିଶୀ ନୃତ୍ୟ ମହୋତ୍ସବ       ଆଇ ଆଣ୍ଡ ପିଆର୍

ପ୍ରବାସୀ ଭାରତୀୟ ଦିବସ୍ ମୁଖିଆ କାର୍ଯ୍ୟକ୍ରମ୍ ମୁଲ୍ ହେବାର୍ ଆଗ୍‌ରୁ ଆଏଜ୍ ରାଜଧାନୀ ଭୁବନେଶ୍ୱର୍‌ଠାନେ ସଂସ୍କୃତି ବିଭାଗ୍ ତର୍‌ଫୁ, ରବୀନ୍ଦ୍ର ମଣ୍ଡପଠାନେ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ୍, ରାଜାରାଣୀ ମନ୍ଦିର୍‌ଠାନେ ରାଜାରାଣୀ ସଙ୍ଗୀତ୍ ମହୋତ୍ସବ୍ ଆର୍ ମୁକ୍ତେଶ୍ୱର ମନ୍ଦିର୍‌ଠାନେ ଓଡ଼ିଶୀ ନୃତ୍ୟ ମହୋତ୍ସବ୍ ହେବା । ଉଛବ୍ ୫ ଦିନ୍ ତକ୍ ଚାଲ୍‌ବା । ପୁର୍‌ଥିର ଭିନ୍ ଭିନ୍ ଜାଗାନୁ ଆସୁଥିବା ଭାରତୀୟମାନେ ଓଡ଼ିଶାର୍ କଳା ସଂସ୍କୃତିର୍ ମଜା

ନେବେ ଆର୍ ଦେଶ୍ ବିଦେଶେ ଆମର୍ କଳା, ସଂସ୍କୃତିର୍ ପ୍ରଚାର୍ ପ୍ରସାର୍ ହେବା ବଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ।

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

୧୮ ନମ୍ବର ପ୍ରବାସୀ ଭାରତୀୟ ଦିସବ୍ ଲାଗି ରାଜ୍‌ଧାନୀ ଭୁବନେଶ୍ୱର ଗଜ୍‌ଗଜେଇ ଯାଉଛେ । ଆଏବା କାଏଲ୍ ମୁଖିଆ କାର୍ଯ୍ୟକ୍ରମ ମୁଲ୍ ହେବାର୍‌କେ ଥିବାବେଲେ ଆଏଜ୍‌ଠାନୁ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମୁଲ୍ ହଉଛେ । ସାରା ସହର୍‌କେ ରଙ୍ଗ୍‌ବିରଙ୍ଗ୍ ଲାଇଟ୍ ଆର୍ କାନ୍ଥଚିତ୍ରଥି ସଜାଯାଇଛେ । ଆଏଜ୍‌ଠାନୁ ଭୁବନେଶ୍ୱର ଏକାମ୍ର କାନନ୍‌ଠାନେ ୫ ଦିନିଆ ବାର୍ଷିକ୍ ଫୁଲ୍ ପ୍ରଦର୍ଶନ୍ ମୁଲ୍ ହେବା । ପୁରୀନ ଭିଲ୍ ଖାସ୍ ପ୍ରସ୍ତୁତି କରାଯାଇଛେ । ପୁରୀ ସମୁଦ୍ର ଖଣି ଭିଲ୍ ଆଏଜ୍ ପତାଙ୍ଗି ଉଛବ୍ ଆର୍ ପଲ୍ଲିଶ୍ରୀ ମେଲା ମୁଲ୍ ହଉଛେ ।

ପ୍ରବାସୀ ଭାରତୀୟ ଦିବସ-ଗାଇଡ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ପ୍ରବାସୀ ଭାରତୀୟ ଦିବସ୍‌ଥି ଯୋଗ୍ ଦେଉଥିବା ବିଦେଶ୍‌ର ଅତିଥି ମାନ୍‌କୁ ଭିନ୍ ଭିନ୍ ପର୍ଯ୍ୟଟନ୍ ଜାଗା ବାବ୍‌ଦେ ଜନାବାର୍

ଲାଗି ୩ ଟା ଭାଷାଥି ଗାଇଡ୍ ମାନେ ତଥ୍ୟ ଦେବେ । ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ ବାବ୍ଦେ ସୂଚ୍ନା ଦେଇକରି କହିଛନ୍, ପ୍ରବାସୀ ଭାରତୀୟମାନେ ୩୧ ଟା ପର୍ଯ୍ୟଟନ୍ ଜାଗା ବୁଲିକରି ଦେଖ୍ବାର୍ ଲାଗି ସବୁ ପ୍ରସ୍ତୁତି ସରିଛେ । ପହେଲାଥର୍ ଲାଗି ପ୍ରବାସୀ ଭାରତୀୟମାନ୍‌କୁ ଓଡ଼ିଆ ଘରେ ଅତିଥି ଭାବେ ରଖାଯିବାର୍ ବ୍ୟବସ୍ଥା ହେଇଛେ ବଲି ଶ୍ରୀମତୀ ପରିଡ଼ା ସୂଚ୍ନା ଦେଇଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ୟୁଜିସି ନିୟମାବଳୀ          ପି.ଆଇ.ବି.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଲାକାଏଲ୍ ନୂଆଦିଲ୍ଲୀ ଠାନେ ବିଶ୍ୱବିଦ୍ୟାଳୟ ଆର୍ ମହାବିଦ୍ୟାଳୟ ନ ଶିକ୍ଷକ୍ ଆର୍ କର୍ମଚାରୀ ନିଯୁକ୍ତି, ପଦୋନ୍ନତି ଲାଗି ସର୍ବନିମ୍ନ ଯୋଗ୍ୟତା ଆର୍ ଉଚ୍ଚଶିକ୍ଷାଥି ମାନକ ରକ୍ଷଣାବେକ୍ଷଣ୍ ଲାଗି ପଦକ୍ଷେପ୍ ବାବଦ୍ ୟୁଜିସି ନିୟମାବଳୀ ୨୦୨୫ - ଚିଠା ଉନ୍ମୋଚନ୍ କରିଛନ୍ ।

ଏଚ୍ଏମ୍ପିଭି          ଆର୍ଏନ୍ୟୁ/ କଟକ୍

ଦେଶେ ଏଚ୍.ଏମ୍.ପି.ଭି. ସଂକ୍ରମିତ ଠାବ୍ ହେବାର୍ ଉତ୍ରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ

ବୈଠକ୍ ହେଇଯାଇଛେ । ଇଥି କେହି ନାଇଁ ଡରିକରି ସଚେତନ୍ ରହେବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ସେ କହିଛନ୍ ଯେ, ରାଏଜେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବର୍‌କସ୍ ରହିଛେ । ବୈଠକ୍‌ଥି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସଚିବ ଆର୍ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ୍ ଥିବାର୍ ଜନାପଡ଼ିଛେ ।

ବର୍‌ଗଡ଼୍ ଧନୁଯାତ୍ରା		ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ଆଏଜ୍ ମଥୁରା ନଗରୀ ନ ଜରାସନ୍ଧ ସହେତେ କଂସଙ୍କର୍ ଯୁଦ୍ଧ ଆର୍ ହେତି ପ୍ରହେତିଙ୍କର୍ ବିହାଘର୍, କଂସମହାରାଜ୍‌ଙ୍କର୍ ବ୍ରହ୍ମଚାରୀ, ଅଂଚଲ୍‌ଥି ଦିଗ୍‌ବିଜୟ, ରାକ୍ଷସ୍‌ମାନ୍‌କର୍ ମର୍‌ବାର୍ ଖବର୍ ପାଇକରି କଂସ ମର୍ମାହତ ଆର୍ ଗୋପପୁର୍ ନ କୃଷ୍ଣ ବଳରାମ୍‌ଙ୍କର୍ ବାଲ୍ୟଲୀଳା, ଜାମଳାର୍ଜୁନ ଭଞ୍ଜନ, କାଳିଅ ଦଳନ, ବିଶ୍ୱରୂପ ଦର୍ଶନ୍ ଆର୍ ଗୋପୀମାନ୍‌କର୍ ଦହି ବିକା ବାଗିର୍ ଦୃଶ୍ୟ ଦେଖିବାର୍‌କେ ମିଲ୍‌ବା ।

ଗଲାକାଏଲ୍ କୃଷ୍ଣଙ୍କର୍ ବାଲ୍ୟଲୀଳା, କଂସ ପଠେଇଥିବା ରାକ୍ଷସ୍‌ମାନ୍‌କର୍ ବଧ ଦେଖିବାର୍ ଲାଗି ଜବର୍ ଭିଡ଼୍ ହେଇଥିଲା ।

ୱାଇଏମ୍‌ସି କପ୍     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ମିନି ଷ୍ଟାଡିୟମ୍‌ଠାନେ ଥିବାର୍ ୩୩ ନମ୍ବର୍ ୱାଇଏମ୍‌ସି କପ୍ କ୍ରିକେଟ୍ ଟୁର୍ନାମେଂଟ ଗଲାକାଏଲ ଉଦ୍‌ଘାଟିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ମଧୁସୂଦନ ଦାସ ମୁଖିଆ କୁନୁଆ ହିସାବେ ଯୋଗ୍ ଦେଇଥିଲେ । ପହେଲା ମେଚ୍ ବରଗଡ଼ ଆର୍ ନୂଆପଡ଼ା ଦଲ୍ ଭିତ୍‌ରେ ହେଇଥିଲା । ଇଥି ନୂଆପଡ଼ା ଦଲ୍ ବରଗଡ଼କେ ୭ ୱିକେଟ୍‌ଥି ହରେଇଛେ ।

ହକି ଇଣ୍ଡିଆ ଲିଗ୍     ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଆର୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।

ଗଲାକାଏଲ୍ ହେଇଥିବା ସୁର୍‌ମା ହକି କ୍ଲବ୍ - ଦିଲ୍ଲୀ ଏସ୍‌ଜି ପାଇପର୍ସକେ ପେନାଲ୍‌ଟି ସୁଟ୍‌ଆଉଟ୍ ଜରିଏ ୩-୧ ଗୋଲ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଏଜେ ସୁନ୍ଦର୍‌ଗଡ୍‌, କନ୍ଧମାଲ୍‌, କୋରାପୁଟ୍‌, କଲାହାଣ୍ଡି, କେନ୍ଦୁଝର୍ ଜିଲ୍ଲାର୍ କେତେଟା ଜାଗା ନ ଜବର୍ କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ରାତିର୍ ସବୁନୁ କମ୍ ତାପମାତ୍ରା କୋରାପୁଟ୍ ନ ୭ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।